Chapter-15

# ଆମ ଅଞ୍ଚଳର ଭୂମିରୂପ

## STUDY NOTES

### ୧. ପଢ଼ ଓ ମନେରଖ ।

(କ) ଆମ ଜନ୍ମଭୂମି ଉତ୍କଳ ଦେଶ

ଉତ୍କଳ କୀରତି ଅଟେ ଅଶେଷ ।

ସର୍ବ ଉତ୍ପାତୁ ତୋତେ ହରି

ରଖନ୍ତୁ ବସ୍ସ କୃପା କରି ।

(ଖ) ପଢ଼ ଓ ଲେଖ ।

ସ୍ଖଳନ, ସ୍ଖଳିତ, ଭୂସ୍ଖଳନ ସ୍ଖଳନ ସ୍ଖଳିତ ଭୂସ୍ଖଳନ

### ୨. ପାଠରେ କ୍ର, ତ୍ସ, ତ୍ପ ଥିବା ଶବ୍ଦଗୁଡ଼ିକୁ ଲେଖ ।

ଉତ୍କଳ ଚିତ୍କାର ଉତ୍କୃଷ୍ଟ ଉତ୍ସବ ଉତ୍ସାହୀ

ଉତ୍ପଳ ଉତ୍ପାଦନ ଉତ୍ପାଦିକା

### ୩. ତଳ ଶବ୍ଦଗୁଡ଼ିକୁ ପଢ଼ ଓ ଲେଖ ।

| | | | |
|---|---|---|---|
| ଉତ୍କଟ | ଉତ୍କଟ | ଭର୍ତ୍ସନା | ଭର୍ତ୍ସନା |
| ଉତ୍କଳ | ଉତ୍କଳ | ଉତ୍ସାହିତ | ଉତ୍ସାହିତ |
| ଉତ୍କଳିକା | ଉତ୍କଳିକା | ଉତ୍ପତ୍ତି | ଉତ୍ପତ୍ତି |
| ଉତ୍ସ | ଉତ୍ସ | ଉତ୍ପାଦନ | ଉତ୍ପାଦନ |
| ଉତ୍ସବ | ଉତ୍ସବ | ଉତ୍ସାହ | ଉତ୍ସାହ |
| ଉତ୍ପନ୍ନ | ଉତ୍ପନ୍ନ | | |

୪. ଶବ୍ଦ ଗଢ଼ି ମାଛ ଲାଞ୍ଜରେ ଲେଖ। ଯେପରି




୫. ଆଲୋଚନା କରି ଉତ୍ତର ଲେଖିବା।

(କ) କୃଷି ଅଫିସର ପଡିଆ ଜମିରେ କି କି ଚାଷ କରିବା ପାଇଁ ଉତ୍ପଳକୁ ପରାମର୍ଶ ଦେଲେ।

ଉ- କୃଷି ଅଫିସର ପଡିଆ ଜମିରେ ଆମ୍ବ, ପଣସ, ବର, ଅଶ୍ୱତ୍ଥ ଶାଳ, ଦେବଦାରୁ, ତେନ୍ତୁଳି, ଜାମ୍ବୁ ଓ ଖଜୁରୀ ଗଛ ଲଗାଇବା ପାଇଁ ଉତ୍ପଳକୁ ପରାମର୍ଶ ଦେଲେ।

(ଖ) ପଡ଼ିଆ ଜମିକୁ କିପରି ଉର୍ବର କରାଯାଏ ?

ଉ- ପଡିଆ ଜମିକୁ ଗୋବର ଖତ ଦେଇ ଉର୍ବର କରାଯାଏ।

(ଗ) ନଦୀ ପାଖ ଜମିରେ କେଉଁ ଫସଲ ଭଲ ହୁଏ ?

ଉ- ନଦୀ ପାଖ ଜମିରେ ଧାନ, ବିରି, ମୁଗ, ସୋରିଷ, ବାଦାମ୍ , ଆଳୁ, କୋବି, ବାଇଗଣ ଓ କଖାରୁ ଭଲ ଫସଲ ହୁଏ।

(ଘ) ୫ଟି ବଡ଼ ଗଛର ନାମ ଲେଖ ।

ଉ- ଆମ୍ବ, ପଣସ, ନଡିଆ, ଖଜୁରୀ, ଶାଳ ୫ଟି ବଡ ଗଛ।

୬. (କ) ତୁମ ଅଞ୍ଚଳରେ କି ପ୍ରକାର ଭୂମି ଅଛି ଲେଖ।

ଉ- ଆମ ଅଞ୍ଚଳରେ ଉର୍ବର ଉନ୍ନତ ଧରଣର ଭୂମି ଅଛି।

(ଖ) ତୁମ ଅଞ୍ଚଳର ଜମିରେ କେଉଁ କେଉଁ ଫସଲ କରାଯାଏ ?

ଉ- ଆମ ଅଞ୍ଚଳର ଜମିରେ ଧାନ, ବିରି ଓ ବିଭିନ୍ନ ପନିପରିବା ଫସଲ କରାଯାଏ।

(ଗ) ତୁମ ଗାଆଁର ଲୋକମାନେ କେଉଁ କେଉଁ ପଶୁ ପକ୍ଷୀ ପାଳନ କରନ୍ତି ?

ଉ- ଆମ ଗାଆଁର ଲୋକମାନେ ପଶୁମଧ୍ୟରୁ ଗାଈ, ଛେଳି, ମେଣ୍ଢା ଓ ପକ୍ଷୀ ମଧ୍ୟରୁ କୁକୁଡା, ବତକ ପାଳନ କରନ୍ତି ।

(ଘ) ତୁମ ଅଞ୍ଚଳର ଲୋକମାନେ ଜମିରେ ଭଲ ଫସଲ ପାଇଁ କେଉଁ ସାର / ଖତ ପ୍ରୟୋଗ କରନ୍ତି ପଚାରି ବୁଝି ଲେଖ ।

ଉ- ଆମ ଅଞ୍ଚଳର ଲୋକମାନେ ଜମିରେ ଭଲ ଫସଲ ପାଇଁ ଗୋବର ଖତର ପ୍ରୟୋଗ କରନ୍ତି ।

**୭. ପଢ଼ ଓ ପ୍ରଶ୍ନଗୁଡିକର ଉତ୍ତର ଲେଖ ।**

ମତ୍ସ୍ୟମାନେ ଜଳରେ ବାସ କରନ୍ତି । ସେମାନଙ୍କୁ ଜଳରୁ କାଢ଼ି ଆଣିଲେ ଅଳ୍ପକ୍ଷଣ ମଧ୍ୟରେ ମରିଯିବେ । ମତ୍ସ୍ୟମାନଙ୍କର ପାଦ ନାହିଁ । ସେମାନଙ୍କ ଲାଞ୍ଜ ଓ ଡେଣା ପହଁରିବାରେ ସାହାଯ୍ୟ କରେ । ମତ୍ସ୍ୟମାନଙ୍କ ଦେହରେ କାତି ଥାଏ ।

(କ) କେଉଁମାନେ ଜଳରେ ବାସ କରନ୍ତି ?

ଉ- ମତ୍ସ୍ୟମାନେ ଜଳରେ ବାସ କରନ୍ତି

(ଖ) କାହାର ପାଦ ନାହିଁ ?

ଉ- ମତ୍ସ୍ୟର ପାଦ ନାହିଁ ।

(ଗ) ଲାଞ୍ଜ ଓ ଡେଣା ସାହାଯ୍ୟରେ କେଉଁମାନେ ପହଁରି ପାରନ୍ତି ?

ଉ- ଲାଞ୍ଜ ଓ ଡେଣା ସାହାଯ୍ୟରେ ମତ୍ସ୍ୟମାନେ ପହଁରି ପାରନ୍ତି ।

**୮. ଖାଲି ଘର ପୂରଣ କର ।**

(କ) ନଈ ପାଖ ଜମି ଭାରି ଉର୍ବର ।

(ଖ) ପାହାଡ଼ରୁ ଝରଣା ବାହାରିଛି ।

(ଗ) ପଡ଼ିଆ ଜମିକୁ କାମରେ ଲଗାଇବା ପାଇଁ କୃଷିଅଫିସରଙ୍କ ସହ ପରାମର୍ଶ କରିବା ।

(ଘ) ଜମିରେ ଖତସାର ପକାଇଲେ ଜମିର ଉତ୍ପାଦିକା ଶକ୍ତି ବୃଦ୍ଧିପାଏ ।

(ଙ) ଗାଈ ଗୋଟିଏ ଗୃହପାଳିତ ପଶୁ ।

୯. ତଳେ ଦିଆଯାଇଥିବା ଗଛଟିର ଚିତ୍ର ପୂରା କର ।

ସେଥିରେ ରଙ୍ଗ ଦିଅ ।

